# ପ୍ରତିଶ୍ରୁତି[୧]

ମୁଁ ଘୋଷଣା କରୁଛି
ବାରମ୍ବାର ଫେରି ଆସିବାକୁ
ପୃଥିବୀ ପରି
ତୋର ହାତ ପାପୁଲିକୁ । ।
ଈଶ୍ୱରଙ୍କ ଆୟୁ ସମ
ସବିସ୍ତୃତ ମୋର ମନ ଆଉ  ପାଦ
ଚୁପ୍ ଚାପ୍ ନିଃଶ୍ୱାସର ନିଛକ ଆକୃତିରେ
ଜ୍ଞାତ, ଅଜ୍ଞାତରେ
ତୋର ଶରବିଦ୍ଧ ଶରୀରକୁ
ପ୍ରତିଥର ଛୁଇଁ ଦେଉଥିବ । ।

ଆଉ ତୋତେ
କ'ଣ ଦରକାର ଯେ?
ମୁଁ ତ ବହିଯିବି ଲୁହ ହୋଇ
ମୁଁ ତ ଜଳୁଥିବି ନିଆଁ ହୋଇ
ଶତାବ୍ଦୀ ଶତାବ୍ଦୀ ପାଇଁ
ଛାତିର ରକ୍ତରେ
ସୃଜି  ଦେଇଥିବି ନିର୍ବାଣର ପୃଥିବୀ । ।

ତୁ କ'ଣ ଜାଣିଛୁ
ପ୍ରତି ମୁହୂର୍ତ୍ତ ମୋ ଭିତରୁ
ଫିଟି ଆସୁଥିବା  ରାସ୍ତା କଥା
ପ୍ରତି ମୁହୂର୍ତ୍ତ କୁରୁକ୍ଷେତ୍ରରେ
ମୋ ପାଦର ପ୍ରତିଧ୍ୱନି
ପ୍ରତି ମୁହୂର୍ତ୍ତ ତୋ ପାଇଁ
ମୋ ଚିରନ୍ତନ ବନବାସ
ଆଉ କୃଶବିଦ୍ଧ ସ୍ୱପ୍ନ । ।

ମୁଁ ଘୋଷଣା କରୁଛି ନର୍କର
ଶେଷ ଦ୍ୱାର ପର୍ଯ୍ୟନ୍ତ
ବଢ଼ାଇ ଦେବି ମୋ ରକ୍ତାକ୍ତ ପାଦ
ତା' ବଦଳେ

[୧] ସହକାର–ଜୁଲାଇ–ଅଗଷ୍ଟ–୧୯୯୮ ।

ତୋ ପାଇଁ ଥରୁଟିଏ ହେଲେ
ଖୋଲି ଦେବି ସ୍ୱର୍ଗ ଦ୍ୱାର,
ପ୍ରେମର ପବିତ୍ର ଆବେଗ । ।